# ୧୩ ଅକ୍ଟୋବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ବଦର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀ ଓ ଐତିହାସିକ ଘଟଣାବଳୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା । ମଧ୍ୟପ୍ରାଚ୍ୟ ଦେଶରେ ଉପୁଯି ଥିବା ଯୁଦ୍ଧର ଗମ୍ଭୀର ପରିସ୍ଥିତି ଦାଉରୁ ନିସ୍ତାର ପାଇବା ନିମନ୍ତେ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱ୍ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ୍ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନର କେତେକ ଘଟଣା ଯାହାକି ବଦର ଯୁଦ୍ଧ ଅବସରରେ ଅଥବା ବଦର୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଘଟିଥିଲା ସେଗୁଡ଼ିକର ଚର୍ଚ୍ଚା ଚାଲିଥିଲା । ସେହି ଘଟଣାଚକ୍ରରେ ହଜୁର [ସ.ଅ]ଙ୍କର ହଜରତ ଆଏଶା [ର.ଅ]ଙ୍କ ସହିତ ବିବାହ ମଧ୍ୟ ସମ୍ପନ୍ନ ହେବା ଉଲ୍ଲେଖ ରହିଛି । ଅତଏବ ଏହିସ୍ଥଳେ ତାହାର ମଧ୍ୟ ଚର୍ଚ୍ଚା କରିଦେଉଛି ।

ଉମ୍ମୁଲ୍ ମୁଉମିନୀନ୍ ହଜରତ ଖଦିଜାଃ [ର.ଅ]ଙ୍କ ଦେହାନ୍ତ ପରେ ଏକଦା ହଜରତ ଉସମାନ୍ ବିନ୍ ମଜ୍‌ଉନ୍ [ର.ଅ]ଙ୍କ ପତ୍ନୀ ଖୌଲା ବିନ୍ତ୍ ହକିମ୍ ପୁଣ୍ୟଶ୍ଳୋକ ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ ନିବେଦନ କଲେ, ହେ ଅଲ୍ଲାଃଙ୍କ ରସୁଲ ! କ'ଣ ଆପଣ[ସ.ଅ] ଆଉ ବିବାହ କରିବେ ନାହିଁ ? ଆପଣ[ସ.ଅ] ପଚାରିଲେ କାହାକୁ ? ଖୌଲା ପ୍ରସ୍ତାବ ଦେଲେ ଯେ, ଯଦି ଆପଣ ଇଚ୍ଛା କରନ୍ତି, ତେବେ ଅବିବାହିତା (ଯୁବତୀ) ଓ ବିଧବା ଉଭୟ ମିଳିଯିବେ । ହଜୁର [ସ.ଅ]ଙ୍କର ଅଧିକ ପ୍ରଶ୍ନ କରିବାରୁ ଖୌଲା କହିଲେ; ନବଯୁବତୀଙ୍କ ମଧ୍ୟରେ ହଜରତ ଆଏଶା ବିନ୍ତ୍ ଅବୁବକର୍[ର.ଅ] ଏବଂ ବିଧବାଙ୍କ ମଧ୍ୟରେ ସୌଦା ବିନ୍ତ୍ ଜମାଃ ଅଛନ୍ତି । ହଜରତ ମୁହମ୍ମଦ[ସ.ଅ] କହିଲେ, ଯାଅ ! ସେହି ଦୁଇ ଅନ୍ତଃବାସୀଙ୍କୁ ମୋ ସହିତ ତାଙ୍କ କନ୍ୟାର ବନ୍ଧୁଘର କରିବାର ପ୍ରସ୍ତାବ ଦିଅ । ଅତଏବ ହଜରତ ଖୌଲା ହଜରତ ଅବୁବକର୍ [ର.ଅ]ଙ୍କୁ ହଜୁର [ସ.ଅ]ଙ୍କର ପ୍ରସ୍ତାବ ଦେଲେ । ହଜରତ ଅବୁବକର୍ [ର.ଅ]ଙ୍କ ସହମତି କ୍ରମେ ହଜୁର [ସ.ଅ]ଙ୍କର ହଜରତ ଆଏଶା [ର.ଅ]ଙ୍କ ସହିତ ବିବାହ ସମ୍ପନ୍ନ ହେଲା । ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି ବିବାହ ପରେ ହଜୁର[ସ.ଅ] ମୋତେ କହିଲେ; ମୁଁ ତୁମକୁ ବିବାହ କରିବା ପୂର୍ବରୁ ସ୍ୱପ୍ନରେ ତୁମେ ମୋତେ ଦୁଇ ଥର ଦେଖା ଯାଇଥିଲ ।

ଯେତେବେଳେ ହଜରତ ଆଏଶା [ର.ଅ]ଙ୍କର ବିବାହ ହେଲା ସେତେବେଳେ ଆପଣଙ୍କ ସ୍ୱଳ୍ପ ବୟସକୁ ନେଇ କପଟବିଶ୍ୱାସୀ ଅଥବା ଦୁର୍ଜନ ବ୍ୟକ୍ତିମାନେ କୌଣସି ଆପତ୍ତି କରି ନଥିଲେ । ଯଦି ଏହି ପ୍ରସଙ୍ଗକୁ ନେଇ ଏପରି କୌଣସି କଥା ଉଠିଥାନ୍ତା ତେବେ ସେହି ଦୁର୍ଜନମାନେ ନିଶ୍ଚିତ ରୂପେ ଆପତ୍ତି ଓ ଅବାନ୍ତର ପ୍ରଶ୍ନର ଝଡ଼ ପ୍ରବାହିତ କରି ଦେଇଥାନ୍ତେ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ସେତେବେଳେ ହଜରତ ଆଏଶା [ର.ଅ]ଙ୍କୁ ନଅ ବର୍ଷ ବୟସ ହେବା ପ୍ରସଙ୍ଗ ଏକ ମୂଳଚୂଳ ନଥିବା (ଭିତ୍ତିହୀନ) କଥନ ।

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ହଜରତ ଆଏଶା [ର.ଅ]ଙ୍କ ବିଶେଷତା ଆଲୋଚନା କରି କୁହନ୍ତି; କମ୍ ବୟସ୍କ ହେବା ସତ୍ତ୍ୱେ ହଜରତ ଆଏଶା [ର.ଅ]ଙ୍କ ସ୍ମରଣ ଶକ୍ତି ଓ କର୍ମକୁଶଳତା ଅଭୁତପୂର୍ବ ଥିଲା । ହଜରତ ମୁହମ୍ମଦ [ସ.ଅ]ଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ଅନ୍ତର୍ଗତ ସେ ଅତ୍ୟନ୍ତ ତୀବ୍ରତାର ସହିତ ଉନ୍ନତି କରିଥିଲେ ଏବଂ ବାସ୍ତବରେ ସେହି କମ୍

ବୟସରେ ତାଙ୍କୁ ନିଜ ଘରକୁ ଘେନି ଆଣିବାରେ ଆପଣ [ସ.ଅ]ଙ୍କ ମୂଳ ଉଦ୍ଦେଶ୍ୟ ଏହା ଥିଲା କି ଆପଣ ତାଙ୍କର ଉତ୍ତମ ରୂପେ ପ୍ରଶିକ୍ଷଣ କରିପାରିବେ । ତଥା ଆପଣ [ସ.ଅ]ଙ୍କ ଆଧ୍ୟାତ୍ମିକ-ପୂର୍ଣ୍ଣ ସାହଚାର୍ଯ୍ୟତାରେ ତାଙ୍କୁ ସୁଦୀର୍ଘ ସମୟ ଅତିବାହିତ କରିବାର ସୌଭାଗ୍ୟ ଲାଭ ହେବ । ଫଳତଃ ସେ ସେହି ଗୁରୁତ୍ୱପୂର୍ଣ୍ଣ ଓ ମହତ ଉଦ୍ଦେଶ୍ୟ ସମ୍ପାଦନ କରିବାର ଅଧିକାରୀଣୀ ହୋଇପାରିବେ ଯାହାକି ଜଣେ ଗ୍ରନ୍ଥଧାରୀ ଅବତାରଙ୍କ ସହଧର୍ମିଣୀ ଉପରେ ନ୍ୟସ୍ତ ହୋଇଥାଏ । ଅତଏବ ହଜରତ ଆଏଶା[ର.ଅ] ମୁସଲମାନ ମହିଳାମାନଙ୍କ ତାଲିମ ଓ ତରବିୟତ୍‌ର ଏପରି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥିଲେ ଯାହାର ଦୃଷ୍ଟାନ୍ତ ଇତିହାସ ପୃଷ୍ଠାରେ ମିଳୁ ନାହିଁ । ଆହାଦିସ୍‌ର (ପବିତ୍ର ଅବତାର ହଜରତ ମୁହମ୍ମଦ [ସ.ଅ]ଙ୍କ ବାଣୀ) ଏକ ଲମ୍ୱା ସୂଚୀ ଓ ଜରୁରୀ ଭାଗ ଆପଣ [ର.ଅ]ଙ୍କ ଦ୍ୱାରା ଉଦ୍ଧୃତ ହୋଇଛି । ଆପଣ [ର.ଅ]ଙ୍କ ଦ୍ୱାରା ବର୍ଣ୍ଣିତ ସମୁଦାୟ ହଦିସ୍ ସଂଖ୍ୟା ୨୨୧୦ ଅଟେ । ଧର୍ମ ପ୍ରସଙ୍ଗରେ ହଜରତ ଆଏଶା [ର.ଅ]ଙ୍କର ମଗ୍ନତା ଓ ପାଣ୍ଡିତ୍ୟତା ଏପରି ପ୍ରଗାଢ଼ ଥିଲା ଯେ, ବଡ଼ ବଡ଼ ବିଦ୍ୱାନମାନେ ମଧ୍ୟ ଆପଣଙ୍କ ସହ ସମ୍ପର୍କ ସ୍ଥାପନ କରୁଥିଲେ ଅର୍ଥାତ ଆପଣଙ୍କ ଠାରୁ ସାହାଯ୍ୟ ଲୋଡୁ ଥିଲେ ।

ହଜୁର[ସ.ଅ] ଏକ ଅବସରରେ କହିଲେ; ମହିଳାମାନଙ୍କ ମଧ୍ୟରେ ଖୁବ୍ କମ୍ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଆପଣ[ସ.ଅ] ଫିରୋନ୍‌ର ପତ୍ନୀ ଆଶିୟା ଓ ଇମ୍ରାନଙ୍କ ପୁତ୍ରୀ ମରିୟମ୍‌ଙ୍କର ଚର୍ଚ୍ଚା କରି କହିଲେ; ଆଏଶାଙ୍କୁ ମହିଳାମାନଙ୍କ ମଧ୍ୟରେ ସେହି ବୈଶିଷ୍ଟ୍ୟ ଲାଭ ହୋଇଛି ଯାହାକି ସରିଦ୍‌ଙ୍କୁ ଆରବର ବିବିଧ ପଦ-ପଦବୀରେ ହାସଲ ହୋଇଛି । ହଜରତ ଆଏଶା[ର.ଅ] ହଜୁର [ସ.ଅ]ଙ୍କ ଦେହାନ୍ତ ପରେ ପାଖାପାଖି ୪୮ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥିଲେ ଏବଂ ୫୮ହିଜରୀର ରମଜାନ ମାସରେ ସେ ଇହଧାମ ତ୍ୟାଗ କରିଥିଲେ । ସେତେବେଳେ ଆପଣଙ୍କୁ ୬୮ବର୍ଷ ବୟସ ହୋଇଥିଲା ।

ବଦର ଯୁଦ୍ଧର କଏଦୀମାନଙ୍କ ମଧ୍ୟରେ ହଜୁର [ସ.ଅ]ଙ୍କ ସୁପୁତ୍ରୀ ହଜରତ ଜୈନବ୍ [ର.ଅ]ଙ୍କ ସ୍ୱାମୀ ଅବୁଲ୍ ଆସ ବିନ୍ ରବିଆ ସାମିଲ ଥିଲେ । ତାଙ୍କୁ ସ୍ୱାଧୀନ କରିବା ସକାଶେ ହଜରତ ଜୈନବ୍ ନିଜର ସେହି ହାର ପଠାଇ ଥିଲେ ଯାହା ତାଙ୍କ ବିବାହ ଅବସରରେ ତାଙ୍କ ମାତା ହଜରତ ଖଦିଜାଃ ପ୍ରଦାନ କରିଥିଲେ । ଯେତେବେଳେ ହଜୁର[ସ.ଅ] ସେହି ହାରକୁ ଦେଖିଲେ ଅତ୍ୟନ୍ତ ଭାବବିହ୍ୱୋଳ ହୋଇ ପଡ଼ିଲେ ଏବଂ ସାହାବାଙ୍କୁ କହିଲେ; ଯଦି ତୁମେମାନେ ଉଚିତ୍ ମଣ ତେବେ ଜୈନବ୍‌ଙ୍କ କଏଦୀଙ୍କୁ ମୁକ୍ତ କରି ଦେଇପାର ଓ ତାଙ୍କର ଏହି ହାର ତାଙ୍କୁ ଫେରସ୍ତ କରିଦିଅ । ସାହାବା (ବିନମ୍ରତାର ସହ) କହିଲେ; ସୁନିଶ୍ଚିତ ହେ ଅଲ୍ଲାଃଙ୍କ ରସୁଲ ! ଅତଏବ ହଜୁର[ସ.ଅ] ଅବୁଲ୍ ଆସ୍‌ଙ୍କୁ ଏହି ସର୍ତ୍ତରେ କାରାମୁକ୍ତ କରିଦେଲେ କି ସେ ମକ୍କାରେ ପହଞ୍ଚିବା ମାତ୍ରେ ନିଜ ପତ୍ନୀ ଜୈନବ୍ [ର.ଅ]ଙ୍କୁ ମଦିନା ଚାଲିଯିବାକୁ ଅନୁମତି ପ୍ରଦାନ କରିଦେବେ । ବସ୍ତୁତଃ ଅବୁଲ୍ ଆସ୍ ମକ୍କାରେ ପହଞ୍ଚି ଜୈନବ୍ [ର.ଅ]ଙ୍କୁ ମଦିନା ଚାଲିଯିବାକୁ ଅନୁମତ ପ୍ରଦାନ କରିଦେଲେ । କିଛି କାଳ ପରେ ଅବୁଲ୍ ଆସ୍ ମଧ୍ୟ ମଦିନା ପ୍ରବାସ କରି ଆସିଲେ, ଏପରି ଏହି ଦୁଇ ପତିପତ୍ନୀ ପୁନର୍ବାର ଏକାଠି ହୋଇଥିଲେ ।

ଖୁତବାର ଦ୍ୱିତୀୟ ଭାଗରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ସଂସାରର ଯେପରି ଉତ୍କଟ ପରିସ୍ଥିତି ରହିଛି ସେଥିପାଇଁ ମୁଁ ସମସ୍ତ ଅହେମଦୀମାନଙ୍କୁ ଦୁଆ କରିବା ପାଇଁ କହିବାକୁ ଚାହୁଁଛି । ଏହି ଯୁଦ୍ଧ ଫଳରେ ଉଭୟ ଦେଶର ଆବାଳ ବୃଦ୍ଧବନିତାଙ୍କର ଅମୂଲ୍ୟ ଜୀବନ ନାଶ ହେଉଛି ଅଥବା ହୋଇଗଲାଣି ।

ଇସଲାମ ତ ଯୁଦ୍ଧ ଅବସରରେ ଅବଳା ନାରୀ, ପିଲା ଓ ଯେ ଉକ୍ତ ଯୁଦ୍ଧରେ ଅଂଶ ଗ୍ରହଣ କରି ନଥାନ୍ତି ତାଙ୍କର ଅନିଷ୍ଟ କରିବାକୁ ଅନୁମତି ଦେଇ ନାହିଁ । ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ତ ଏହାର ଦୃଢ଼ତାର ସହ ତାଗିଦ୍ କରିଛନ୍ତି । ବିଶ୍ୱବାସୀ ଏକଥା କହୁଛନ୍ତି ଏବଂ କିଛି ସତ୍ୟାସତ୍ୟ ମଧ୍ୟ ସେଥିରେ ରହିଛି ଯେ, ଏହାର ଆରମ୍ଭ ହମାସ୍ କରିଛି । କିନ୍ତୁ ଇସ୍ରାଇଲ୍ ସେନା ଏହା ପୂର୍ବରୁ କେତେ ନିରୀହ ଜୀବନର ହତ୍ୟା କରି ସାରିଲାଣି ତାହାକୁ ପାସୋରି କେବଳ ହମାସ୍‌ର ଦୋଷ ରଟନା କରୁଛନ୍ତି । ତେବେ ସେ ଯାହା ହେଉ ମୁସଲମାନମାନଙ୍କୁ ଇସଲାମୀୟ ଶିକ୍ଷାର ପାଳନ କରିବା ଉଚିତ୍ । ଇସ୍ରାଇଲ୍ ସେନା ଯାହା କରୁଛି ତାହା ସେମାନଙ୍କ କର୍ମ (ତାହାର ଫଳ ସେମାନେ ଭୋଗିବେ) । ତାହାର ପ୍ରତିକ୍ରିୟା ପ୍ରଦର୍ଶନ କରିବାର ଅନ୍ୟ ପନ୍ଥା ମଧ୍ୟ ରହିଛି । ଯଦି କୌଣସି ବୈଧ ସଂଘର୍ଷ କରିବାକୁ ଚାହଁ ତେବେ ଉଭୟ ସେନା ପରସ୍ପରର ମୁହାଁମୁହିଁ ହୋଇ କରି ପାରିବେ । କିନ୍ତୁ ଅବଳା ମହିଳା, ପିଲା ଓ ଅନ୍ୟାନ୍ୟ ନିରୀହ ଜୀବନର

ନାଶ କରିବା ସମ୍ପୂର୍ଣ୍ଣ ରୂପେ ଅଯୌକ୍ତିକ ।

ଏହି ଦୃଷ୍ଟିକୋଣରୁ ହମାସ୍ ଯେଉଁ ହରକତ୍ କଲା ତାହା ଭୁଲ ଥିଲା, ସେଥିରେ କ୍ଷତି ଅଧିକ ହେଲା । ହମାସ୍ ଯାହା କଲା ତାହାର ପ୍ରତିବଦଳ ତାଙ୍କରି ମଧ୍ୟରେ ସୀମିତ ରହିଥିଲେ ଭଲ ହୋଇଥାନ୍ତା । କିନ୍ତୁ ବର୍ତ୍ତମାନ ଇସ୍ରାଇଲ୍ ପ୍ରଶାସନ ଯାହା କରୁଅଛି ତାହା ଆତଙ୍କ ପରିବ୍ୟାପ୍ତକାରୀ ନରସଂହାର । ଏପରି ପ୍ରତୀତ ହେଉଛି ଯେ, ଏହା ଏବେ ଏତିକିରେ ଥମି ଯିବ ନାହିଁ । ଇସ୍ରାଇଲ୍ ପ୍ରଶାସନ ଘୋଷଣା କରିଥିଲା କି ଆମେ ଗାଜାକୁ ସମୂଳେ ଧ୍ୱଂସ କରିଦେବୁ । ଏଥିପାଇଁ ସେମାନେ ଭୀଷଣ ବୋମା ବିସ୍ଫୋରଣ କଲେ ଏବଂ ଉକ୍ତ ସହରକୁ ସମ୍ପୂର୍ଣ୍ଣ ଭାବରେ ଧୂଳିସାତ କରିଦେଲେ । ଏବେ ସେମାନେ ଆହୁରି ଚେତାବନୀ ଦେଉଛନ୍ତି କି ଏକ ମିଲିୟନ୍ ଲୋକ ଗାଜା ଛାଡ଼ି ଚାଲିଯାଅ । ଅଲ୍ଲାଃଙ୍କ କୃତଜ୍ଞ ଯେ, ଏହା ବିରୁଦ୍ଧରେ କିଛି ନିସ୍କ୍ରିୟ ସ୍ୱର ଉର୍ଦ୍ଧ୍ୱଗାମୀ ହେଉଛି । ଅର୍ଥାତ ଜାତିସଂଘ କହୁଛି ଯେ, ଏତଦ୍ ଦ୍ୱାରା ମାନବୀୟ ଅଧିକାର କ୍ଷୁର୍ଣ୍ଣ ହେଉଛି, ଆଉ ଏହା ଭୁଲ ଅଟେ । ତାଙ୍କୁ ଦୃଢ଼ତାର ସହ ଚେତାବନୀ ଦେବା ପରିବର୍ତ୍ତେ ଏବେ ମଧ୍ୟ ତାଙ୍କୁ (ଏପରି ନକରିବାକୁ) ନିବେଦନ ହିଁ କରୁଛନ୍ତି । ସେ ଜାହା ହେଉ ସେହି ନିରୀହ ସହରୀ ଯେ ଯୁଦ୍ଧରେ ସାମିଲ ନାହାନ୍ତି ଯେ ନିର୍ଦୋଷୀ । ଯଦି ବିଶ୍ୱବାସୀ ଇସ୍ରାଇଲ୍‌ର ନରନାରୀଙ୍କୁ ନିରୀହ ମଣୁଛନ୍ତି ତେବେ ଫିଲିସ୍ତିନ୍‌ର ନରନାରୀଙ୍କର ମଧ୍ୟ କୌଣସି ଦୋଷ ନାହିଁ । ସେହି ଗ୍ରନ୍ଥଧାରୀଙ୍କର ଧର୍ମଗ୍ରନ୍ଥରେ ମଧ୍ୟ ଏହା ହିଁ ଉଲ୍ଲେଖ ରହିଛି ଯେ, ଏପରି ଦୌରାତ୍ମ୍ୟ ଓ ହତ୍ୟାର ତାଣ୍ଡବ ଲୀଳା ଖେଳିବା କୌଣସିମତେ ବୈଧ ନୁହେଁ । **ମୁସଲମାନମାନଙ୍କ ଉପରେ ଦୋଷାରୋପ କରାଯାଇଛି ଯେ, ସେମାନେ ଭୁଲ କରିଛନ୍ତି କିନ୍ତୁ ଏମାନଙ୍କୁ ନିଜ କାର୍ଯ୍ୟକଳାପ ପ୍ରତି ନଜର କରିବା ଉଚିତ୍ ।**

ସେ ଜାହା ହେଉ ଆମମାନଙ୍କୁ ବହୁତ ଦୁଆ କରିବାର ଆବଶ୍ୟକତା ରହିଛି । ଏଠାରେ ଫିଲିସ୍ତିନ୍‌ର ରାଜଦୂତ ମଧ୍ୟ ଏହା ବୟାନ ଦେଇଛନ୍ତି କି ହମାସ୍ ଏକ ଯୁଦ୍ଧପ୍ରିୟ ଦଳ । ତାହା (ଆମର) ପ୍ରଶାସକ ନୁହେଁ, ଏଥିସହିତ ସେମାନେ ଏହି ପ୍ରଶ୍ନ କଲେ ଏବଂ ତାଙ୍କର ଉକ୍ତ କଥନ ମଧ୍ୟ ଠିକ୍ ଯେ, ଯଦି ପ୍ରକୃତ ନ୍ୟାୟ ହୋଇଥାନ୍ତା ତେବେ ଏପରି ଉକ୍‌ଟ ପରିସ୍ଥିତି କଦାପି ଉପୁଜି ନଥାନ୍ତା । **ଯଦି ଶକ୍ତିଶାଳୀ ଦେଶମାନେ ନିଜର ଦ୍ୱିମୁଖା ନୀତି ଅବଲମ୍ବନ କରି ନଥାନ୍ତେ ତେବେ ଏପରି ଅଶାନ୍ତି ଓ ଯୁଦ୍ଧର ସମସ୍ୟା କଦାପି ସୃଷ୍ଟି ହୋଇ ନଥାନ୍ତା ।** ଏହି କଥା ମୁଁ ଇସଲାମୀୟ ଶିକ୍ଷାର ଆଲୋକରେ ଦୀର୍ଘ ସମୟ ହେଲା କହି ଆସୁଛି । ଯାହାର ସେମାନେ ଆମ ସାମନାରେ ତ ସମର୍ଥନ କରିଥାନ୍ତି କିନ୍ତୁ ସେଥି ମୁତାବକ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ହୋଇ ନଥାନ୍ତି । ବର୍ତ୍ତମାନ ସମସ୍ତ ପାଶ୍ଚାତ୍ୟ ଶକ୍ତିମାନେ ନ୍ୟାୟ ଆଚରଣକୁ ଏକ ପାର୍ଶ୍ୱରେ ରଖି ଫିଲିସ୍ତିନ୍ ଉପରେ ଚାପ ପକାଇବାକୁ ଏକତ୍ରିତ ହେଉଛନ୍ତି ଏବଂ ପ୍ରତ୍ୟେକ ଦିଗରୁ (ଇସ୍ରାଇଲ୍‌କୁ) ସେନା ପ୍ରେରଣ କରିବାର କଥା ଉର୍ଦ୍ଧ୍ୱଗାମୀ ହେଉଅଛି । ମିଡ଼ିଆରେ ଭ୍ରମାତ୍ମକ ଖବର ପ୍ରସାରିତ ହେଉଅଛି । ଏମାନେ ଲୋକବାଣୀ "ଜୋର ଯାର ମୂଲକ ତାର" ନିୟମର ପାଳନ କରୁଛନ୍ତି । ଯାହାଙ୍କ ହସ୍ତରେ ବିଶ୍ୱର ଅର୍ଥନୀତି ରହିଛି, ଏମାନେ ସେହିମାନଙ୍କ ନିକଟରେ ଆନତ ହେବେ । ଯଦି ସମୀକ୍ଷା କରଯାଏ ତେବେ ଜଣା ଯାଇଥାଏ ଯେ ଶକ୍ତିଶାଳୀ ରାଷ୍ଟ୍ରମାନେ ଯୁଦ୍ଧର ଅଗ୍ନି ପ୍ରଜ୍ୱଳିତ କରିବାରେ ଲାଗିଛନ୍ତି । ସେମାନେ ଯୁଦ୍ଧରେ ବିରାମ ପକାଇବାକୁ ଚାହୁଁ ନାହାନ୍ତି ।

ପ୍ରଥମ ବିଶ୍ୱଯୁଦ୍ଧ ପରେ **ଲିଗ୍ ଅଫ୍ ନେଶନ୍** (ସଂଘ) ସ୍ଥାପିତ ହୋଇଥିଲା । କିନ୍ତୁ ନ୍ୟାୟ ନହେବା ଯୋଗୁଁ ତାହା ବିଫଳ ହେଲା । ପୁନଶ୍ଚ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଲା ଯେଉଁଥିରେ ୭କୋଟି ଲୋକଙ୍କର ପ୍ରାଣହାନୀ ଘଟିଥିଲା । ସେଥିଅନ୍ତେ ମିଳିତ ଜାତିସଂଘ ପ୍ରତିଷ୍ଠା ହେଲା କିନ୍ତୁ ବର୍ତ୍ତମାନ ତାହାର ଅବସ୍ଥା ମଧ୍ୟ ସମାନ ଏବଂ ତାହା ମଧ୍ୟ ସମ୍ପୂର୍ଣ୍ଣ ରୂପେ ଅସଫଳ ହୋଇଛି । ତାହା ତ ଏଥିପାଇଁ ଗଠନ କରାଯାଇଥିଲା ଯେ, ଏହା ଦ୍ୱାରା ନ୍ୟାୟ ପ୍ରତିଷ୍ଠା ହେବ ଏବଂ ଅତ୍ୟାଚାରିତ ଓ ଅସହାୟମାନଙ୍କ ସାହାଯ୍ୟ କରାଯିବ, ଯୁଦ୍ଧରେ ଯବନୀକା ପଡ଼ିବ । କିନ୍ତୁ ସେହି ଉଦ୍ଦେଶ୍ୟ ପୂରଣ ହେବାର ଦୂର-ଦୂରାନ୍ତରୁ ଆଭାଷ ମିଳୁ ନାହିଁ । ପ୍ରତ୍ୟେକ ନିଜ ନିଜ ସ୍ୱାର୍ଥ ହାସଲ କରିବାରେ ବ୍ୟସ୍ତ । ବର୍ତ୍ତମାନ

ଏହି ଅନ୍ୟାୟ ଯୋଗୁଁ ଯେଉଁ ଯୁଦ୍ଧ ଆରମ୍ଭ ହୋଇଛି ତାହାର କ୍ଷୟକ୍ଷତିର ଜଣେ ସାଧାରଣ ବ୍ୟକ୍ତି ପରିକଳ୍ପନା ମଧ୍ୟ କରିପାରିବ ନାହିଁ ।

ଏପରି ଅବସ୍ଥାରେ ମୁସଲମାନ ଦେଶମାନଙ୍କୁ ଆବଶ୍ୟକ କି ନିଜ ଆଖି ଖୋଲନ୍ତୁ ଏବଂ ପାରସ୍ପରିକ ମତଭେଦ ଦୂର କରି (ସେମାନେ) ଏକ ହୋଇଯାନ୍ତୁ । ଏହା ହିଁ ସଂସାରରୁ ବିଶୃଙ୍ଖଳା ଦୂର କରିବାର ମାଧ୍ୟମ ସାଜିବ । ପୁନଶ୍ଚ ଏକ ହୋଇ ନ୍ୟାୟ ପୂର୍ବକ ଦଳିତମାନଙ୍କ ଅଧିକାର ଫେରସ୍ତ କରିବା ପାଇଁ ସ୍ୱର ଉତ୍ତୋଳନ କରନ୍ତୁ । **ଯଦି (ସେମାନେ) ଏକ ହୋଇଯିବେ ତେବେ ତାଙ୍କ ସ୍ୱରରେ (ପ୍ରଭାବଶାଳୀ) ଶକ୍ତି ମଧ୍ୟ ସଞ୍ଚାର ହୋଇଯିବ ।** ନଚେତ୍ ନିରୀହ ଜୀବନ ଏହିପରି ନଷ୍ଟ ହେଉଥିବ ଏବଂ ଏହାର ଦୋଷୀ ଏହି ମୁସଲମାନ ପ୍ରଶାସକମାନେ ହିଁ ହେବେ ।

ମୁସଲମାନ ପ୍ରଶାସକମାନଙ୍କୁ ଆବଶ୍ୟକ କି ହଜରତ ମୁହମ୍ମଦ [ସ.ଅ]ଙ୍କର ଏହି ଉପଦେଶ ସର୍ବଦା ନିଜ ସମ୍ମୁଖରେ ରଖନ୍ତୁ ଯେ, ଉତ୍ପୀଡ଼କ ଓ ପୀଡ଼ିତା ଉଭୟଙ୍କର ସାହାଯ୍ୟ କର । ଅଲ୍ଲାଃତାଲା ମୁସଲମାନ ପ୍ରଶାସକମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ସମସ୍ତେ ଏକ ହୋଇ ନ୍ୟାୟ ରକ୍ଷା କରନ୍ତୁ । ବିଶ୍ୱର ମହାଶକ୍ତିମାନଙ୍କୁ ମଧ୍ୟ ପ୍ରଭୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେ, ଏମାନେ ବିଶ୍ୱବାସୀଙ୍କୁ ଯୁଦ୍ଧରେ ପତିତ କରିବା ପରିବର୍ତ୍ତେ ସେହି କରାଳ ବିଭୀଷିକାରୁ ରକ୍ଷାକାରୀ ସାଜନ୍ତୁ । ଏହି ମହାଶକ୍ତିମାନଙ୍କୁ ଏକଥା ସ୍ମରଣ ରଖିବା ଉଚିତ୍ ଯେ, ଯଦି ଧ୍ୱଂସର ତାଣ୍ଡବ ଲୀଳା ଖେଳିଯିବ ତେବେ ସେମାନେ ସ୍ୱୟଂ ମଧ୍ୟ ସେଥିରି ନିବୃତ୍ତ ରହିପାରିବେ ନାହିଁ ।

ଆମମାନଙ୍କ ନିକଟରେ ତ କେବଳ ଦୁଆର ଅସ୍ତ୍ର ରହିଛି । ତେଣୁ ପ୍ରତ୍ୟେକ ଅହେମଦୀଙ୍କୁ ପୂର୍ବାପେକ୍ଷା ଏହି ଦିଗକୁ ଧ୍ୟାନରେ ରଖି ଅଧିକ ଦୁଆ କରିବା ଉଚିତ୍ । ଏହି ଆକ୍ରମଣ ପ୍ରକୋପରେ କେତେକ ଅହେମଦୀ ଘର ମଧ୍ୟ ଘେରି ରହିଛି । ଅଲ୍ଲାଃତାଲା ସେମାନଙ୍କୁ ସୁରକ୍ଷିତ ରଖନ୍ତୁ ଏବଂ ସମସ୍ତ ନିରୀହ ଲୋକମାନଙ୍କୁ ନିଜ ଛତ୍ରଛାୟା ତଳେ ସ୍ଥାନ ଦିଅନ୍ତୁ । ଅଲ୍ଲାଃତାଲା ହମାସ୍‌କୁ ମଧ୍ୟ ସଦ୍‌ବୁଦ୍ଧି ଦିଅନ୍ତୁ ଏବଂ ଏମାନେ ସ୍ୱୟଂ ନିଜ ଜାତି ଉପରେ ଅତ୍ୟାଚାର କରିବାର ପାପ ମୁଣ୍ଡାନ୍ତୁ ନାହିଁ । କୌଣସି ଜାତି ପ୍ରତି ତୁମର ଦ୍ୱେଷ ଭାବ ରଖିବା କଦାପି ତାହା ସହ ନ୍ୟାୟ ଆଚରଣରୁ ତୁମକୁ ବିରତ ନରଖୁ । ଏହା ହିଁ ପବିତ୍ର କୁରଆନ୍‌ର ଶିକ୍ଷା ଓ ଆଦେଶ । ଅଲ୍ଲାଃତାଲା ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠାକାରୀ ସାବ୍ୟସ୍ତ ହୁଅନ୍ତୁ । ଅଲ୍ଲାଃତାଲା କରନ୍ତୁ କି ଆମେମାନେ ସଂସାରରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ଅବଲୋକନ କରିନେଉ । ଆମିନ୍ ।

ପରିଶେଷରେ ପ୍ରିୟ ହଜୁର ଅନୱର[ଅ.ବ] ଦୁଇଜଣ ମୃତକ ଶ୍ରୀମାନ ଡ଼ାଃ ବଶିର ଅହେମଦ୍ ଖାନ୍ ସାହେବ ଲଣ୍ଡନ ନିବାସୀ (ଜନାଯାଃ ଉପସ୍ଥିତ ରହିଛି) ଏବଂ ଶ୍ରୀମତୀ ଓସିମାଃ ବେଗମ୍ ସାହେବା ପତ୍ନୀ ଶ୍ରୀମାନ ଡ଼ାଃ ଶଫିକ୍ ସହଗଲ୍ ସାହେବ ପାକିସ୍ତାନ ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ନମାଜ ଜୁମା ପରେ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା ମଧ୍ୟ କଲେ । ମୃତକଙ୍କ ପାଇଁ କ୍ଷମା ଯାଚନା ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।